# ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

Ph. No.- 06658-222247 e-mail:- nac_ptg@yahoo.co.in

web-site- www.nacpatnagarh.in


ସଂଖ୍ୟା: ୪୪୮ / ତା: ୦୨-୦୩-୨୦୨୪

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ୱାର୍ଡ ନମ୍ବର ୦୧ ରୁ ୧୫ ର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ପାନୀୟ ଜଳ ବିତରଣ କେନ୍ଦ୍ର(ଜଳଛତ୍ର) ମାଧ୍ୟମରେ ଆର୍ଥିକ ବର୍ଷ ୨୦୨୪ -୨୫ ନିମନ୍ତେ ଉପରୋକ୍ତ ୱାର୍ଡ ମାନଙ୍କର ହେବାକୁ ଥିବା ଜଳଛତ୍ର ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ ତା. ୦୨ .୦୩ .୨୦୨୪ , ୧୦ ଘଟିକା ଠାରୁ ତା ୧୨ .୦୩ .୨୦୨୪ ରିଖ ଅପରାହ୍ନ ୩.୦୦ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ/କୋରିୟର/ ଅଫିସ ଟେଣ୍ଡର ବାକ୍ସରେ ନିଜେ ଆବେଦନ କରିପାରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା ୧୨ .୦୩ .୨୦୨୪ ରିଖ ଅପରାହ୍ନ ୪ .୦୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ପାଟଣାଗଡ଼ ଜିଲ୍ଲା ୱେବସାଇଟ www.balangir.nic.in ଏବଂ http://www.nacpatnagarh.in ରୁ ମଧ ଡାଉନଲୋଡ କରିପାରିବେ। ଲଫାଫା ଉପରେ "ପାନୀୟ ଜଳ ବିତରଣ କେନ୍ଦ୍ର(ଜଳଛତ୍ର) ଖୋଲିବା ପାଇଁ ଆବେଦନ ପତ୍ର " ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଏବଂ ଟେଣ୍ଡର କାଗଜପତ୍ର ସହିତ ନିର୍ଦ୍ଧାରିତ ନୀତିନିୟମ ସଂଗ୍ରହ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପାଟଣାଗଡ଼ରେ ଅଫିସ ସମୟରେ ଯୋଗାଯୋଗ କରିପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ**

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା କୌଣସି କାର୍ଯ୍ୟ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ,୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ଥାୟୀ କାର୍ଯ୍ୟ ଯଥା -(ଆହାର, FSTP , MCC, MRF, ଚୁଡା ଛତୁଆ ବଣ୍ଟନ ଇତ୍ୟାଦିରେ ) ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏନଏସି ପାଟଣାଗଡ ର ହୋଇଥିବେ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସ୍ଥାୟୀ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ଟ ୨.୫ ଙ୍କା ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ପୈଠ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଏହି ଅଭିବ୍ୟକ୍ତି ପ୍ରକାଶନ ତାରିଖର ଏକ ବର୍ଷ ପୂର୍ବରୁ ହୋଇଥିବ ।

୯- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ ହୋଇଥିବା ଦରକାର ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା : ୪୪୯ /ତାରିଖ : ୦୨-୦୩-୨୦୨୪

ଏହାର ଏକକିତା ନକଲ ନିର୍ଦ୍ଦେଶକ, I&PR, Deptt, ଓଡ଼ିଶା, ଭୁବନେଶ୍ବର ଙ୍କ ଅବଗତି ଏବଂ ତା ୦୪ .୦୩ .୨୦୨୪ ପୂର୍ବରୁ ଯେକୌଣସି ଗୋଟିଏ ଦୈନିକ ଓଡିଆ ଖବର କାଗଜ ରେ ବିଜ୍ଞାପନ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା : ୪୫୦ /ତାରିଖ : ୦୨-୦୩-୨୦୨୪

ଏହାର ଏକକିତା ନକଲ ୱାର୍ଡ ଅଧିକାରୀ, ସିଏମଏମ ଓ ଗୋଷ୍ଠୀ ସଙ୍ଗଠିକା, ଏନଏସି ପାଟଣାଗଡ଼/ଶିଶୁ ବିକାଶ ଯୋଜନା ଅଧିକାରୀ , ପାଟଣାଗଡ଼ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ପରିପତ୍ର ସଂଖ୍ୟା : ୪୫୧ /ତାରିଖ : ୦୨-୦୩-୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ ବଲାଙ୍ଗୀର/ ଯୁଗ୍ମନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଭୁବନେଶ୍ବର/ /ଉପଜିଲ୍ଲାପାଳ, ପାଟଣାଗଡ଼/ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବଲାଙ୍ଗୀର/ ଜିଲ୍ଲା ସୂଚନା ଅଧିକାରୀ ବଲାଙ୍ଗୀର ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼

ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ମିଶନ ଶକ୍ତି ଗୋଷ୍ଠୀ ଗଠନ ରେଜୋଲୁସନ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀର ଶେଷ ମିଟିଂ ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷ ପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର କ୍ୟାଶ୍ ବୁକ ଫଟୋକପି ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ପାଟଣାଗଡ଼